# ODM PUBLIC SCHOOL

**DATE :**
**SESSION :2**
**CLASS : v**
**SUBJECT : (ଓଡିଆ)**
**CHAPTER NUMBER:04**
**CHAPTER NAME : ନୂଆଖାଇ**
**SUBTOPIC :କଠିନ ଶବ୍ଦର ଅର୍ଥ**

# LEARNING OBJECTIVE

ନୂଆଖାଇ ପର୍ବର ପ୍ରସ୍ତୁତି ।

ODM PUBLIC SCHOOL
SCHOOL OF HUMAN EXCELLENCE

# ନୂଆଖାଇ

ବିପିନ ବିହାରୀ ବିଶି

ଇଷ୍ଟଦେବୀଙ୍କୁ ବର୍ଷର ପ୍ରଥମ ଅନ୍ନ ସମର୍ପଣ କରି ଖାଇବାର ପର୍ବ ହେଉଛି 'ନୂଆଖାଇ' ।ଭାଦ୍ରବ ମାସ ଶୁକ୍ଲପକ୍ଷ ପଞ୍ଚମୀ ତିଥିରେ ଏହି ପର୍ବ ପାଳନ କରାଯାଏ । ତା'ପୂର୍ବଦିନ ବିଦ୍ୟାଦାତା ଓ ବିଘ୍ନବିନାଶକ ଶ୍ରୀଗଣେଶଙ୍କ ପୂଜା ଉତ୍ସବ ପାଳନ ହୋଇସାରିଥାଏ । 'ନୂଆଖାଇ' ରେ ମା ବସୁମତୀଙ୍କୁ କୃତଜ୍ଞତା ଜ୍ଞାପନ କରିବା ସ୍ୱରୂପ ବର୍ଷର ପ୍ରଥମ ଫସଲର ନୂଆ ଧାନକେଣ୍ଡା ଓ ନୂଆ ଚୁଡ଼ା କୁ ଏକ ନୂଆ ହାଣ୍ଡିରେ ଭୋଗ କରାଯାଇ ଘରର ଇଷ୍ଟଦେବୀ ଓ ମହାଲକ୍ଷ୍ମୀଙ୍କୁ ପୂଜା କରାଯାଏ । ନୂଆଖାଇ ବା ନବାନ୍ନଭକ୍ଷଣ ଉପଲକ୍ଷେ କି ଧନୀ କି ଦରିଦ୍ର ସମସ୍ତେ ଘର ସଜାସଜି କାମରେ ଲାଗି ପଡନ୍ତି । ଘରର ମା'ଝିଅ ଓ ବୋହୂମାନେ ଠାକୁରଘର ଠାରୁ ଆରମ୍ଭ କରି ସମସ୍ତ ଘରଦ୍ୱାର,ଦାଣ୍ଡପିଣ୍ଡାକୁ ଲିପାପୋଛା କରନ୍ତି । ଘରେ ବ୍ୟବହୃତ ଖଟ,ପିଢା,ଡାଲାକୁଲା,ଲୁଗାପଟା,ବିଛଣାପତ୍ର, ଡବାଡବି ଆଦିକୁ ସଫା କରି ସଜାଇ ରଖନ୍ତି । ପୁରପଲ୍ଲୀ ଠାରୁ ଆରମ୍ଭ କରି ସହର ଯାଏ ନରନାରୀ ମାନେ ଦୋକାନ ବଜାରରେ ବିକାକିଣା କରିବାରେ ଲାଗିପଡନ୍ତି । ମିଠା ଓ ପିଠାପଣା ପାଇଁ ଚାଉଳ,ନଡ଼ିଆ,ଘିଅ,ଗୁଡ଼ ଯୋଗାଡ଼ କରାଯାଏ । ପୂଜା ପାଇଁ ଧୂପ,ଦୀପ,କର୍ପୂର,ବସ୍ତ୍ର ଓ ପରିଧାନ ପାଇଁ ନୂଆଲୁଗା କିଣାକିଣିରେ ଗହଳି ଚହଳି ଜମିଉଠେ । ପରିବାପତ୍ର ହାଟରେ ଲୋକଭିଡ଼ ହୁଏ ।ନୂଆଖାଇ ପୂର୍ବରୁ ଲୋକମାନଙ୍କ ଭିତରେ ଆନନ୍ଦ ଓ ଉଲ୍ଲାସ ଭରି ରହିଥାଏ ।

ODM PUBLIC SCHOOL
SCHOOL OF HUMAN EXCELLENCE

# ଶବ୍ଦାର୍ଥ

ଇଷ୍ଟଦେବୀ –ପୂଜା ପାଉଥିବା ଦେବୀ
ସମର୍ପଣ – ଅର୍ପଣ
ନବାନ୍ନ –ନୂଆ ଅନ୍ନ
ଭକ୍ଷଣ –ଖାଇବା
ଯୋଗାଡ଼ –ସଂଗ୍ରହ
ପରିଧାନ – ପିନ୍ଧିବା
ଉଲ୍ଲାସ – ଖୁସି

ODM PUBLIC SCHOOL
SCHOOL OF HUMAN EXCELLENCE

# ନୂଆଖାଇ

ପ୍ରସ୍ତୁତି ଭିତରେ ସମସ୍ତେ ବ୍ୟସ୍ତ ଥିବାବେଳେ ସେହି ଆନନ୍ଦର ଦିନ 'ନୂଆଖାଇ' ଆସି ପହଞ୍ଚିଯାଏ ।ସେଦିନ ସୂର୍ଯ୍ୟଉଦୟ ପୂର୍ବରୁ ସମସ୍ତ ନରନାରୀ ଶଯ୍ୟା ତ୍ୟାଗ କରି ନିତ୍ୟକର୍ମ ସାରନ୍ତି । ସଫାଲୁଗା ପିନ୍ଧି ପୂଜା ସାମଗ୍ରୀ ସଜାଡି ରଖନ୍ତି । ଘରର ମୁଖିଆ ନୂଆଲୁଗା ପରିଧାନ କରି ପୂଜାପାଠରେ ବସନ୍ତି ।ସମସ୍ତେ ନୂଆଲୁଗା ପିନ୍ଧନ୍ତି। ପିତୃପୁରୁଷଙ୍କୁ ପିଣ୍ଡଦାନ ପରେ ନୂଆ ଧାନକେଣ୍ଡା ଓ ଚୁଡ଼ା,ପିଠାପଣା ଦେବଦେବୀଙ୍କୁ ସମର୍ପଣ କରି ପୂଜା କରାଯାଏ ।ଧୂପ,ଦୀପ, ଚନ୍ଦନ ଓ କର୍ପୂରର ବାସ୍ନାରେ ଘର ମହକି ଉଠେ । ଶଙ୍ଖ,ହୁଳହୁଳି,ଘଣ୍ଟ,ଘଣ୍ଟା ନାଦରେ ଘର ଓ ଅଗଣା ଦୁଲୁକି ଉଠେ । ପୂଜା ଶେଷରେ ଘରର ସମସ୍ତେ ଗୋଟିଏ ସ୍ଥାନରେ ବସନ୍ତି । ଦେବୀ,ଦେବତାଙ୍କ ପାଖରେ ଲଗାଯାଇଥିବା ଭୋଗରେ ନୂଆଚୁଡ଼ା,ଘିଅ,ମହୁ,ଗୋରସ,ଗୁଡ଼ ଓ କଦଳୀ ମିଶାଇ ପ୍ରସାଦ ପ୍ରସ୍ତୁତ କରାଯାଏ । ସମସ୍ତେ ପୂର୍ବଦିଗକୁ ମୁହଁ କରି ବସି ପତ୍ରର ଚଉତିରେ ବଢ଼ା ହୋଇଥିବା ଏହି ପ୍ରସାଦକୁ ସେବନ କରନ୍ତି । ତା'ପରେ ସାନମାନେ ବଡ଼ମାନଙ୍କୁ ମୁଣ୍ଡିଆ ମାରି ଜୁହାର ହୁଅନ୍ତି । ଏହାକୁ 'ନୂଆଖାଇ ଜୁହାର' କୁହାଯାଏ । ତା'ପରେ ବଡ଼ମାନେ ଖାଇବା ପାଇଁ ବସନ୍ତି । ଘରେ ତିଆରି ହୋଇଥିବା ପିଠାପଣା ,ଖିରିପୁରି,ମିଠା ତଥା ଭଳିକିଭଳି ଡାଲି,ତରକାରି ପ୍ରସାଦ ରୂପେ ସେବନ କରି ସମସ୍ତେ ଆନନ୍ଦ ଉପଭୋଗ କରନ୍ତି ।

ODM PUBLIC SCHOOL
SCHOOL OF HUMAN EXCELLENCE

# ଶବ୍ଦାର୍ଥ

ନିତ୍ୟକର୍ମ –ନିତିଦିନିଆ କାମ
ବ୍ୟସ୍ତ –ଚଳଚଞ୍ଚଳ
ପିଣ୍ଡଦାନ—ଶ୍ରାଦ୍ଧ ଦେବା
ନାଦ –ଶବ୍ଦ
ଚଉତି –ପତ୍ର ତିଆରି ଠୁଙ୍ଗା

ODM PUBLIC SCHOOL
SCHOOL OF HUMAN EXCELLENCE

# ଗୃହକର୍ମ

କଷ୍ଟଶବ୍ଦ ଗୁଡିକୁ ବାଛି ଖାତାରେ ଲେଖ ।

ODM PUBLIC SCHOOL
SCHOOL OF HUMAN EXCELLENCE

# LEARNING OUTCOME:

ନୂଆଖାଇ ପର୍ବର ଆୟୋଜନ ସଂପର୍କରେ ଜାଣିବା ।

ODM PUBLIC SCHOOL
SCHOOL OF HUMAN EXCELLENCE

# THANKING YOU

# ODM EDUCATIONAL GROUP

ODM
PUBLIC SCHOOL
SCHOOL OF HUMAN EXCELLENCE